### ପ୍ରତିଶ୍ରୁତି ପାଳନ କରୁନି କମ୍ପାନୀ

# ସମୁଦ୍ରକୂଳ ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

**ଛତ୍ରପୁର,୨୪।୧୨(ସମିସ):** ପ୍ରତିଶ୍ରୁତି ଦେଉଛି ତାହାକୁ କାର୍ଯ୍ୟକାରୀ କରୁନି କମ୍ପାନୀ। ଯାହାଫଳରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ। ଏନେଇ ସେମାନେ ବାରମ୍ବାର ପ୍ରଶାସନ ଏବଂ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କୁ ଅବଗତ କରିଲେ ମଧ ଖାଲି ମିଳୁଛି ତାରିଖ ପରେ ତାରିଖ। ତେବେ ମତ୍ସ୍ୟଜୀବୀମାନଙ୍କ ସମସ୍ୟା ବୁଝିବ କିଏ। ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶୃତି ପାଳନ କରୁନି। ଆମକୁ ଭୂତେଇବାରେ ଲାଗିଛି। ଅଭିଯୋଗ କଲେ ବରିଷ୍ଠ ଅଧିକାରୀ ବିଭିନ୍ନ ଧମକ ଦେଉଛନ୍ତି। କିଛିଦିନ ଖନନ କାମ କରିଲେ ଏବଂ ପଥର ପକାଇ ଦେଲେ ତାପରେ ଧର୍ମକୁ ଆଖି ଠାର ଭଳି କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ବୁଧବାର



ପ୍ରବେସନାରୀ ଆଇଏଏସ ଅଧିକାରିଣୀ ମୃଣାଳିକା ରାଠୋର, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଆର୍ଯ୍ୟପଲ୍ଲି ମତ୍ସ୍ୟଜେଟିରେ ମତ୍ସ୍ୟଜୀବୀମାନଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ କୂଳ ଖାଉଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟଜୀବୀ ସମୁଦ୍ର କୂଳ ଖାଉଥିବା ଯୋଗୁ ପଥର ବନ୍ଧ ନିର୍ମାଣ କରାଇବା ଉପରେ ତୁରନ୍ତ ଗୁରୁତ୍ୱ ଦେବା ଏବଂ ବନ୍ଦ ହୋଇଥିବା ଖନନ ସହିତ ଅନ୍ୟାନ୍ୟ କାମ ଗୁଡିକ ଯଥାଶ୍ରୀଘ୍ର ଆରମ୍ଭ କରିବା ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତର ବହୁ ମତ୍ସ୍ୟଜୀବୀ ଓ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

# ମତ୍ସ୍ୟଜୀବୀ ଓ ପ୍ରଶାସନର ମିଳିତ ବୈଠକ

**ରମ୍ଭା,୨୪।୧୨(ସମିସ):** ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପୌରପରିଷଦ ସଭାଗୃହରେ ପାରମ୍ପରିକ ମତ୍ସ୍ୟଜୀବୀ, ବ୍ୟବସାୟୀ ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ମୁଖ୍ୟ ଆଲୋଚନା ବିଷୟ ଯଥା ମାଛ ବଜାରଗୃହ (ଘରବାରି ମାଛ ମାର୍କେଟ ୨୫୩୦ ଡେସିମିଲ) ମତ୍ସ୍ୟ ବ୍ୟବସାୟୀଙ୍କୁ ଆବଣ୍ଟନ ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଗତ ଦିନରେ ପ୍ରଶାସନ ଓ ମାଛ ବ୍ୟବସାୟୀ ବୁଝାମଣା ହୋଇ ନୂତନ ଗୃହ ନିର୍ମାଣ ହେଲେ ପୁଣି ସେହି ସ୍ଥାନକୁ ଆସି ବେପାର କରିପାରିବେ ବୋଲି ପ୍ରତିଶ୍ରୁତି ଦେଇ ଅନ୍ୟତ୍ର ସାମୂହିକ କଣ୍ଡରା ବନ୍ଧ ଠାରେ ନୂତନଘର ହେଲା ପର୍ଯ୍ୟନ୍ତ ଥଇଥାନ କରିଥିଲେ। ଘର ନିର୍ମାଣ ହୋଇଛି କିନ୍ତୁ ପର୍ଯ୍ୟନ୍ତ ଘର କାହିଁକି ମିଳୁନି ତାହା ପ୍ରଶାସନକୁ ସଭାରେ ଉତ୍ଥାପନ କରିଥିଲେ। କିଛି ମତ୍ସ୍ୟ ବ୍ୟବସାୟୀ ଅଗ୍ରୀମ ଚୁକ୍ତି କରି ୨୦ ହଜାର ଟଙ୍କା ପୈଠ କରିଥିଲେ ସୁଦ୍ଧା ଆମ୍ଭକୁ ଅବହେଳା କରୁଛନ୍ତି ବୋଲି ସମସ୍ତ ବ୍ୟବସାୟୀ ଯୁକ୍ତ ବାଢ଼ିଥିଲେ। ଦରକାର ପଡ଼ିଲେ ଆଇନ ହାତକୁ ନେବୁ ବୋଲି ଜଣାଇଥିଲେ। କିଛି ବେପାରୀ ଦୈନିକ ପାନୁ ଆକାରରେ ଟିକସ ଦେଇ ମାଛ ବେପାର କରୁଥିଲେ। ରାଜ୍ୟ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ସଭାରେ ୮୦୦ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଜୀବିକା, ଅଧିକାର କ୍ଷୁର୍ଣ୍ଣ ରଖିବା ସେମାନଙ୍କୁ ଅତିଶୀଘ୍ର ତଳ ବଖରା ଗୃହ ଯୋଗାଇଦେଲେ ମାଛ ବେପାର ସୁରୁଖୁରୁରେ ହୋଇପାରିବ ଓ ମାଛ ଗୁଡିକ ସମ୍ପୂର୍ଣ ସୁରକ୍ଷିତ ରହିପାରିବ ସାଙ୍ଗକୁ ଏନ୍ଏସିକୁ ଟିକସ ଭରଣା ହୋଇପାରିବ ବୋଲି କଥା ଦେଇଥିଲେ। ବୈଠକରେ ଖଲ୍ଲିକୋଟ ତହସିଲଦାର ଡା. ଦିଲେଶ କୁମାର ପାତ୍ର, ଅଧକ୍ଷା ପ୍ରତିନିଧି ସୁରଜ ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ସମେତ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ମତ୍ସ୍ୟଜୀବୀ ଓ ବେପାରୀ ବାସନ୍ତୀ ବେହେରା, ଦୁଳଣା ଦାସ, କୁମାରୀ ବେହେରା, ଅଜିତ ବେହେରା, ପ୍ରଶ୍ନ ବେହେରା, ଶିବ ବେହେରା, ସୁବଳ ବେହେରା, ଚିତ୍ରସେନ ଦାସ ଓ ଅନ୍ୟମାନେ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ।

## ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ



**ପୋଲସରା,୨୪।୧୨(ସମିସ):** ପୋଲସରା ବ୍ଲକ ପରିସରରେ ସାଂସଦ ଖେଳ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟତଃ ସର୍ବମୋଟ ୧୭୩୩ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୪୦୩ ଜଣ ପ୍ରତିଭାବାନ କୃତୀ ଛାତ୍ରଛାତ୍ରୀ ଭଲ ପ୍ରଦର୍ଶନ କରି ଅଞ୍ଚଳ ପାଇଁ ଗର୍ବ ଗୌରବ ଆଣିଥିଲେ। ଯାହାକୁ ନେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

## ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି

**କୋଦଳା,୨୪।୧୨(ସମିସ):** ବେଗୁନିଆପଡ଼ା ମେଡିକାଲ ଛକ ନିକଟସ୍ଥ ମୁଖ୍ୟରାସ୍ତା ପାଖରେ ଥିବା ମା'ମଙ୍ଗଳା ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଦାନ ଅର୍ଥ ଚୋରି କରିନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ପ୍ରବେଶ ଦ୍ୱାର ଦେଇ ମା'ଙ୍କ ଗମ୍ଭିରା ଦ୍ୱାର ତାଲା ଭାଙ୍ଗିବା ସହ ଦାନ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ବୁଧବାର ଭୋର ୪ଟାରେ ପୂଜାରୀ ପହୁଡ଼ ଖୋଲିବାକୁ ଆସି ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଗେଟ୍ ଖୋଲାଥିବା ଦେଖି ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଧାନମଣ୍ଡି ପରିଚାଳନା ନେଇ ପ୍ରଶାସନିକ ବୈଠକ

**ପୋଲସରା,୨୪।୧୨(ସମିସ):** ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ଶଶିଭୂଷଣ ମହାପାତ୍ରଙ୍କ ଅଧକ୍ଷତାରେ ଧାନମଣ୍ଡି ପରିଚାଳନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ବ୍ଲକର ୨୬ ଗୋଟି ପଞ୍ଚାୟତର ଧାନ ମଣ୍ଡିକୁ ଧାନ ଦେବା ପଞ୍ଜିକୃତ ହୋଇଥିବା ୫୮୩୩ ଜଣ ଚାଷୀ କିଭଳି ସେମାନଙ୍କ ଧାନ ରାଜ୍ୟ ସରକାରଙ୍କ ସରକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ଦର ୨୩୬୯ ଟଙ୍କାରେ ବିକ୍ରି କରିବେ ତାସହିତ ଅତିରିକ୍ତ ବୋନସ ଭାବେ ୭୩୧ ଟଙ୍କା ମିଶାଇ ମୋଟ ୩୧୦୦ ଟଙ୍କା ଧାର୍ଯ୍ୟ ହୋଇଛି। ଚାଷୀଙ୍କୁ ମିଲରମାନେ କୁଇଣ୍ଟାଲ ପ୍ରତି ୩ଗୋଟି ସୁତୁଲି ଅଖା ପ୍ରଦାନ କରିବେ ବୋଲି ବୈଠକରେ ବିଡ଼ିଓ ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ବୈଠକରେ ଏରିଆ ଅଫିସର ପ୍ରଭାତ କୁସୁମ ବାରିକ ବୈଠକରେ ଉପସ୍ଥିତ ନଥିବା ହେତୁ ବିଡ଼ିଓ, ତହସିଲଦାର ବିରକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡ଼ିଓ ସୋନମ ବେହେରା, ତହସିଲଦାର ଦିପ୍ତିମୟୀ ପାତ୍ର, ଅତିରିକ୍ତ ତହସିଲଦାର ସାରସ୍ୱତୀ ଜାନି ଖାଦ୍ୟଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ବିପିସି ନୀଳାଞ୍ଚଳ ସାହୁ ସମେତ ଆରଆଇ, ସେବା ସମବାୟ ସମ୍ପାଦକ, ମିଲର ପ୍ରମୁଖ ଉପସ୍ଥିତ ଥିଲେ।

## ନବଜାତକଙ୍କୁ ଜନ୍ମ ପ୍ରମାଣପତ୍ର

**ଗଞ୍ଜାମ,୨୪।୧୨(ସମିସ):** ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତିନିଜଣ ଶିଶୁକନ୍ୟା ଜନ୍ମ ହୋଇଥିବା ବେଳେ ସେହି ନୂତନ ଅତିଥିମାନଙ୍କ ନିମନ୍ତେ ଜନ୍ମ ପ୍ରମାଣ ପତ୍ର ୬ ଘଣ୍ଟା ମଧ୍ୟରେ ପ୍ରଦାନ କରାଯାଇଛି। ସେହିପରି ଖଣ୍ଡଦେଉଳି ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଜଣ ଶିଶୁକନ୍ୟା ଜନ୍ମ ହୋଇଥିବା ବେଳେ ସେହି ନୂତନ ଅତିଥି ମାନଙ୍କ ନିମନ୍ତେ ମଧ ଜନ୍ମ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଗଞ୍ଜାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ମିର୍ଜା ଅବଦୁଲ ରଜାକ ବେଗ, ଆୟୁଷ ଡାକ୍ତର ବନଜ କାନ୍ତ କର, ନର୍ସିଂ ଅଫିସର ମମତା ପଣ୍ଡା, ସୁମିତା ନାୟକ, ମନାସ ପଣ୍ଡାଙ୍କ ସହ ମେଡିକାଲ ଟିମ ଓ ଖଣ୍ଡଦେଉଳି ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଟ ଡ଼କ୍ଟର ସୌମ୍ୟକାନ୍ତ ମହାପାତ୍ରାଙ୍କ ସହ ସମସ୍ତ ମେଡିକାଲ ଟିମ ଉପସ୍ଥିତ ରହିଥିଲେ।

## ଆଖୁଚାଷୀ ସଚେତନତା ଶିବିର

**ଶେରଗଡ଼,୨୪।୧୨(ସମିସ):** ଶେରଗଡ଼ ଡିଭିଜନର ବିଭିନ୍ନ ଗ୍ରାମାଞ୍ଚଳର ଆଖୁଚାଷୀ ମାନଙ୍କୁ ନେଇ ଆଖୁଚାଷର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଏକ ସଚେତନତା ଶିବିର କୁମାରପାଣି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡଃ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରଚେଷ୍ଟାରେ ଆସିକା ସମବାୟ ଚିନିଶିଳ୍ପ ପକ୍ଷରୁ ଆଖୁଚାଷର ବହୁଳ ପ୍ରଚାର ପ୍ରସାର ଏବଂ ଆଖୁଚାଷୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ଲାଗି ପ୍ରୟାସ ଜାରି ରହିଛି। ଶେରଗଡ ଡିଭିଜନ କୁମାରପାଣି ଶିବିରରେ ପରିଚାଳନା ପରିଷଦର ସଦସ୍ୟ ଉଦୟନାଥ ପ୍ରଧାନ, ସମବାୟ ଚିନି ଶିଳ୍ପର ଆଖୁ ଉନ୍ନୟନ ପର୍ଯ୍ୟବେକ୍ଷକ ଚିରଞ୍ଜିବୀ ମହାନ୍ତି, ଶେରଗଡ଼ ଡିଭିଜନର ତିନି କ୍ଷେତ୍ର ପରିଦର୍ଶକ ରାଜଗୋପାଳ ପାଢୀ, ଅମୀୟ ବିଶ୍ୱାଳ ଓ ଧବଳେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ସଚେତନ କରିଥିଲେ। ଶିବିରରେ ଅଗ୍ରଣୀ ଆଖୁଚାଷୀ ତଥା ସମାଜସେବୀ ଅକ୍ଷୟ କୁମାର ମୁନୀ, ପଦ୍ମ ଲୋଚନ ବିଷୋୟୀ, ଶତ୍ରୁଘ୍ନ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଭାସ୍କର ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

## ବିଜେଡିର ପ୍ରସ୍ତୁତି ବୈଠକ




**ଆସିକା,୨୪।୧୨(ସମିସ):** ଆସିକା କଳିଙ୍ଗ ରୋଡ୍‌ଠାରେ ଥିବା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ଦିନ ବିଜୁ ଜନତା ଦଳର ୨୯ ତମ ପ୍ରତିଷ୍ଠା ଦିବସ ଅବସରରେ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ଦକ୍ଷିଣ ଜୋନ ସରପଞ୍ଚ ମହାସଂଘ ସଭାପତି ତଥା ବିଜେଡି ନେତା ଭବାନୀ ଶଙ୍କର ମଲିକ, ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ସମେତ ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷ ଏବଂ ସରପଞ୍ଚ ବିଦ୍ୟନ୍ତ ଚର୍ଚ୍ଚି, ଜୟସେନ ସ୍ୱାଇଁ, ଅମୂଲ୍ୟ ଉପାଧ୍ୟାୟ, ଗୌରହରି ବେହେରା, ଅମଲା ସଙ୍ଘ ସଭାପତି ପ୍ରସନ ତ୍ରିପାଠୀ, ସନ୍ତୋଷ ନାହାକ, ଅମିତ ନାହାକ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରାଙ୍କ ସମେତ ସମସ୍ତ ଯୁବ ଛାତ୍ର ବିଜେଡି କର୍ମୀ ଓ ଛାମୁଆ ନେତାମାନେ ଉପସ୍ଥିତ ଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର

**କୋଦଳା,୨୪।୧୨(ସମିସ):** ବୁଧବାର କୋଦଳା ଲକ୍ଷ୍ମୀନାରାୟଣ ସ୍ୱାତକ ମହାବିଦ୍ୟାଳୟର ଶୀତକାଳୀନ ମହିଳା ସ୍ୱତନ୍ତ୍ର ସେବା ଯୋଜନା ଶିବିର ସ୍ଥାନୀୟ ଏସ୍ ରାମଚନ୍ଦ୍ରପୁର ଶାସନ ପ୍ରାଥମିକ ବିଦ୍ୟାଳୟରେ ଅଧକ୍ଷ ରଘୁନାଥ ମୁଦୁଲିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ନନ୍ଦ ଯୋଗ ଦେଇ ସ୍ୱଚ୍ଛତା ଓ ଶୃଙ୍ଖଳିତ ଜୀବନ ଯାପନ ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ସାଗରିକା ଦାଶଙ୍କ ତତ୍ତ୍ୱାବଧାନରେ ୫୦ ଜଣ ସ୍ୱେଚ୍ଛାସେବୀ ଓ ସେମାନଙ୍କୁ ସହଯୋଗ କରିବା ନିମନ୍ତେ ମହିଳା ସହାୟିକା ଭାରତୀ ମହାପାତ୍ର ସେବା ଶିବିରରେ ଉପସ୍ଥିତ ଥିଲେ।

## ଅଲିଭ୍ ରିଡ୍‌ଲେ ସୁରକ୍ଷା ସମ୍ପର୍କିତ ଆଲୋଚନା

**ଗଞ୍ଜାମ,୨୪।୧୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ଶୈବପୀଠ ସ୍ଥିତ କଲ୍ୟାଣ ମଣ୍ଡପରେ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ସମ୍ପର୍କିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିକୁ ନେଇ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ଏସିଏଫ୍ ଦିବ୍ୟ ଶଙ୍କର ବେହେରା, ପୂର୍ବତନ ସରପଞ୍ଚ ତଥା ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଦିଲୀପ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ରଂଜିତ ପଲାଇ, ପବିତ୍ର ସ୍ୱାଇଁ ଅଲିଭ୍ ରିଡ୍‌ଲେଙ୍କ ପ୍ରମୁଖ ସୁରକ୍ଷାକୁ ନେଇ ଆଲୋଚନା କରିଥିଲେ। ବୈଠକରେ ବୃନ୍ଦାବନ ପ୍ରଧାନ, ସାମ୍ବାଦିକ ଶବର ତରାଇ, ଶିବରାମ ପଲାଇ, ନିରାକାର ଜେନା, ଦୁର୍ଯ୍ୟୋଧନ ପ୍ରଧାନ, ଯୋଗୀ ଛଟେଇ, ପୀତବାସ ବେହେରା, ନରସିଂହ ରେଡ୍ଡି, କୃଷ୍ଣ ରେଡ୍ଡି, ତ୍ରିନାଥ ସାହୁ, ଲୋକନାଥ ତରାଇ, ସୀମା ବାରିକ, ସତ୍ୟ ସାହୁ, ଶିବରାମ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଡି. ପ୍ରଶାନ୍ତ ରାଓ, ସୁଧାକର ପାଣିଗ୍ରାହୀ, ତପନ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

# ବିଜେଡି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି ବୈଠକ

**ପୋଲସରା,୨୪।୧୨(ସମିସ):** ପୋଲସରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ପୋଲସରା ଏନ୍ଏସି ବିଜେଡି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇଥିବା ବେଳେ ପୋଲସରା ବ୍ଲକ ଓ ଏନ୍ଏସି ଏବଂ ବୁଗୁଡା ବ୍ଲକ ଓ ଏନ୍ଏସିର ବିଜୁ ଜନତା ଦଳର କର୍ମକର୍ତ୍ତା ଓ ଲୋକ ପ୍ରତିନିଧି ଯୋଗଦେଇ ଆସନ୍ତା ଡିସେମ୍ବର ୨୬ରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଆଲୋଚନା କରିଥିଲେ। ଏଥିରେ ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ବୁଗୁଡା ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, ଜିଲ୍ଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ପୋଲସରା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା କୁମାରୀ ପ୍ରଧାନ, ଉପାଧକ୍ଷ କାହ୍ନୁଚରଣ ପରିଡା, ବୁଗୁଡା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ଼, ପୋଲସରା ଏନଏସି ଅଧକ୍ଷା ପ୍ରତିନିଧି ଶିଶିର ବେହେରା, ପୋଲସରା ବ୍ଲକ ଜିଲା ପରିଷଦ ମେମ୍ବର ଅଶୋକ କୁମାର ବିଷୋୟୀ, ଝୁନୁ ଦାସ ଓ ବିକ୍ରମ କୁମାର ନାୟକ, ପୋଲସରା ଏନଏସି ବିଜେଡି ସଭାପତି ଗୋପାଳ ସାହାଣୀ, ବୁଗୁଡା ବ୍ଲକ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ନିବାସୀ ପରିଡା, ଦୀପିକା ବାରିକଙ୍କ ସମେତ ଦୁଇ ବ୍ଲକ ଓ ଏନଏସିର ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ସମିତି ମେମ୍ବର ଓ ପୂର୍ବତନ ସମିତି ମେମ୍ବର, ବ୍ଲକ, ପଞ୍ଚାୟତ ଓ ଏନଏସିର କର୍ମକର୍ତ୍ତା ଓ ବିଜେଡି ସଦସ୍ୟ ଯୋଗ ଦେଇଥିଲା।




### ■ ଜାତୀୟ ବିଦ୍ୟାଳୟ କ୍ରୀଡ଼ା

## ସ୍କେଟିଂରେ ଆଲୋକ ଓ ଆଡ଼ାମ୍ ସ୍ମିଥ୍

**କୁକୁଡ଼ାଖଣ୍ଡି,୨୪।୧୨(ସମିସ):** ବ୍ରହ୍ମପୁର ସ୍କେଟିଂ ଏକାଡେମିର ଦୁଇ ସ୍କେଟିଂ ଖେଳାଳି ଆଲୋକ ସାହୁ ଓ ଆଡାମ ସ୍ମିଥ ଗମାଙ୍ଗ ୬୯ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ପାଇଁ ଓଡ଼ିଶା ରାଜ୍ୟ ଦଳରେ ଚୟନ ହୋଇଛନ୍ତି। ଏହି ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତା ମଧ୍ୟପ୍ରଦେଶର ଗ୍ୱାଲିୟରରେ ଡିସେମ୍ବର ୨୫ରୁ ୩୦ ପର୍ଯ୍ୟନ୍ତ ହେବ। ଆଲୋକ ସାହୁ ନିମଖଣ୍ଡି ଅଞ୍ଚଳର ପିଏମ୍‌ଶ୍ରୀ ଏସ୍‌କେଏସ୍ ବିଦ୍ୟାଳୟର ଛାତ୍ର ହୋଇଥିବା ବେଳେ ଆଡାମ ସ୍ମିଥ ଗମାଙ୍ଗ ଦିଗପହଣ୍ଡିର ପଦ୍ମନାଭପୁର ଶିଶୁ ମନ୍ଦିର, ଶ୍ରୀଧାମର ଛାତ୍ର। ଉଭୟ ଖେଳାଳିଙ୍କ ପରିଶ୍ରମ ଓ ବ୍ରହ୍ମପୁର ସ୍କେଟିଂ ଏକାଡେମିରେ କୋଚ୍ ବିଭୂତି ଭୂଷଣ ଜେନାଙ୍କ ଅଭିନବ ପ୍ରଶିକ୍ଷଣ କୌଶଳ ତାଙ୍କୁ ଜାତୀୟ ସ୍ତରରେ ପହଞ୍ଚିବାରେ ସହାୟକ ହୋଇଛି। ଉଭୟ ଖେଳାଳିଙ୍କୁ ସେମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ଦାସ, ଟୁକୁନା ଗୁରୁଜୀ, ଗଞ୍ଜାମ ଦଳ ମ୍ୟାନେଜର ହରିହର ରାଉତ, ମଧୁସୂଦନ ମିଶ୍ର, ରାଜ୍ୟ ମ୍ୟାନେଜର ସୌଭାଗ୍ୟ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା କ୍ରୀଡ଼ାଧିକାରୀ ଭାଗିରଥି ସ୍ୱାଇଁ ଏବଂ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡ଼ା ଶୁଭେଚ୍ଛା ଓ ସଫଳତା କାମନା ଜଣାଇଛନ୍ତି।



## ଗଞ୍ଜେଇ ଜବତ; ଦୁଇ ଗିରଫ

**ଆସିକା,୨୪।୧୨(ସମିସ):** ଆସିକା ଅବକାରୀ ବିଭାଗ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ଏକ ବାଇକ୍ ଯୋଗେ ଜରିବସ୍ତାରେ ଗଞ୍ଜେଇ ଧରି ସୋରଡ଼ା-ବ୍ରହ୍ମପୁର ଅଭିମୁଖେ ଯିବା ବେଳେ ୨ ଗଞ୍ଜେଇ ବେପାରୀଙ୍କୁ କାଳଷଣ୍ଢପୁର ଛକରେ ଧରିଛି। ଆସିକା ଅବକାରୀ ଅଧିକାରୀ ବିବେକାନନ୍ଦ ପେରେଇ, ଏଏସ୍ଆଇ ସତ୍ୟ ବେହେରା, ଜି. ଭୀମ, ଶ୍ରୀକାନ୍ତ ବେହେରା, ସନ୍ତୋଷ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ଥିଲେ। ଦୁଇ ଅଭିଯୁକ୍ତ ହେଲେ ଲୋଚାପଡାର ରଜନୀକାନ୍ତ ମୁଦୁଲି, ବିହାର ଧାନବାଦ ଜିଲ୍ଲାର ସୁମିତ କୌଶିକ। ସେମାନଙ୍କଠାରୁ ୧୧ କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି।

## ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର

**ଖଲ୍ଲିକୋଟ,୨୪।୧୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶକ୍ତିପୀଠ ମା' ନାରାୟଣୀ ରାସ୍ତାରେ ବୁଧବାର ଏକ ଦୁର୍ଘଟଣା ଘଟି ୨ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୩ ଟାରେ ମା' ନାରାୟଣୀ ପୀଠରେ ଭୋଜି ଖାଇ ୨ଜଣ ଯୁବକ ଏକ ବାଇକ୍ ଯୋଗେ ଫେରୁଥିବାବେଳେ ମା' ନାରାୟଣୀ ରାସ୍ତାରେ ଭାରସାମ୍ୟ ହରାଇ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଦୁଇ ଆରୋହୀ ଗୁରୁତର ଆହତ ହୋଇଥିଲେ। ଭେଜିପୁଟ ଫାଣ୍ଡି ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଆହତ ଯୁବକ ଦୁଇ ଜଣ ବାଲୁଗାଁ ଅଞ୍ଚଳର ବୋଲି ଜଣାପଡିଥିବାବେଳେ ବେଳେ ସେମାନଙ୍କ ପରିଚୟ ମିଳିନାହିଁ।

## ଘରପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ

**ଆସିକା,୨୪।୧୨(ସମିସ):** ଆସିକା ପୌରାଞ୍ଚଳର ସାତ ରାଜସ୍ୱ ଗ୍ରାମ ବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନ ଦାବି ନେଇ ନାଗରିକ କମିଟି, ଆସିକା ପକ୍ଷରୁ ଶୋଭାଯାତ୍ରା, ପ୍ରତିବାଦ ସଭା ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୁଧବାର ପୂର୍ବାହ୍ନରେ ଲାଲାଗୋର୍ଜି ଛକ ହନୁମାନ ମନ୍ଦିର ନିକଟରୁ ଶତାଧିକ ପୁରୁଷ ଓ ମହିଳା ଏକ ଶୋଭାଯାତ୍ରାରେ ନିଜ ନିଜର ଘରବାରି ପଟ୍ଟା ଦାବି ନେଇ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ସଂଗଠକ ଗଙ୍ଗାଧର ଶତପଥି, ସଭାପତି ଛବିଳରାମ ମିଶ୍ର, ସମ୍ପାଦକ ଶକ୍ତି ପ୍ରସାଦ କର ପ୍ରମୁଖଙ୍କ ସଂଯୋଜନାରେ ପରିଚାଳିତ ହୋଇଥିଲା। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପଟ୍ଟା ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରି ଘରବାରି ପଟ୍ଟା ତୁରନ୍ତ ଦେବା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବାପରେ ନାଗରିକ କମିଟି, ଆସିକାର ଉପଦେଷ୍ଟା ସତ୍ୟନାରାୟଣ ରଥଙ୍କ ସଂଯୋଜନାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେନ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଆନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୁପର ଓଭର୍‌ରେ ଲିଡ୍ ଏକାଡେମୀ ବିଜୟୀ

**ରମ୍ଭା,୨୪।୧୨(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ରମ୍ଭା କପ୍ ସିଜନ-୪ ପକ୍ଷରୁ ଆନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ବ୍ରହ୍ମପୁର ଲିଡ୍‌ସ ଏକାଡେମୀ ସହ ସ୍ୱରାଜ କ୍ରିକେଟ କ୍ଲବ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ରମ୍ଭା ଏନ୍ଏସି ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି, ବିଜେପି ମଣ୍ଡଳ ସଭାପତି ଘନଶ୍ୟାମ ବେହେରା ପ୍ରମୁଖ ମଞ୍ଚାସିନ ହୋଇ କ୍ରୀଡ଼ା ନୈପୂଣ୍ୟ ଉପରେ ଆଲୋକପାତ କରିଥିଲେ। ସୁପର ଓଭର୍ ଜରିଆରେ ଲିଡସ କ୍ରିକେଟ ଏକାଡେମୀ ୧୬ ରନରେ ବିଜୟୀ ହୋଇଥିଲା।

ଭାଷ୍ୟକାର ସନ୍ତୋଷ କୁମାର ନାହାକ, ମହେଶ ମୁଦ୍ରା ଓ ଶ୍ରୀକାନ୍ତ ନାୟକ ଧାରା ବିବରଣୀ ଦେଇଥିଲେ। ସ୍କୋରର ସତ୍ୟନାରାୟଣ ପରିଡା କରିଥିବା ବେଳେ ଏମ୍ପାୟାର ଅବଦୁଲ ରହିମ ଖାନ ଓ ସୁଶାନ୍ତ କୁମାର ପଣ୍ଡା ରହିଥିଲେ। ରମ୍ଭା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ମହେଶ୍ୱର ନାୟକ (ହାପି), ଗୁପ୍ତ, ଭବାନୀ, ସିଲୁ, ସୌମ୍ୟ, ଚିକୁ, କୃଷ୍ଣ, ବିକି, ଦୁଷ୍ମନ୍ତ, ଉମା, ସଚିନ ଓ ସଦସ୍ୟା ଜୁଲି, ମଲି, ଇତି, ଝରଣା, ଅକ୍ଷୟିନୀ ପ୍ରମୁଖ ସହଯୋଗ କରିଥିଲେ।



**● ବୋରିଗାଁ ବଡ଼ବନ୍ଧ ସାହିରେ ଅଘଟଣ**

## ଫାଟିଲା ଗ୍ୟାସ୍ ସିଲିଣ୍ଡର; ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ବ୍ରହ୍ମପୁର/କୁକୁଡ଼ାଖଣ୍ଡି,୨୪।୧୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ବୋରିଗାଁର ବଡ଼ବନ୍ଧ ସାହିରେ ମଙ୍ଗଳବାର ରାତିରେ ଗ୍ୟାସ ସିଲିଣ୍ଡର ଫାଟି ପ୍ରଫୁଲ୍ଲ ରାଉତ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେହିପରି ତାଙ୍କ ପଡୋଶୀ ଚାରୋଟି ଘରର କାନ୍ଥ ଭାଙ୍ଗିଛି। ଗୁରୁତରଙ୍କୁ ପ୍ରଥମେ ଏମ୍‌କେସିଜି ମେଡିକାଲ ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବୁଧବାର ସନ୍ଧ୍ୟାସୁଦ୍ଧା ତାଙ୍କର ଚିକିତ୍ସା ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଏନେଇ ଥାନାରେ ଅଭିଯୋଗ ହୋଇନଥିବା ପୁଲିସ କହିଛି। ପ୍ରଫୁଲ୍ଲ ରାଉତ ଘରେ ଏକୁଟିଆ ଥିବାବେଳେ ରାତ୍ର ପ୍ରାୟ ୧୧ଟାରେ ଗ୍ୟାସରେ ଡାଲି ଗରମ କରୁଥିବା ବେଳେ ହଠାତ ସିଲିଣ୍ଡର ଫାଟି ଯାଇଥିଲା। ତାଙ୍କ ଘରର ଛାତ ଓ ଘର ଭିତରେ ଥିବା ବହୁ ଆସବାବପତ୍ର ନଷ୍ଟ ହୋଇଛି। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ବାସିନ୍ଦା ପ୍ରଫୁଲ୍ଲଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

**● ସରକାରୀ ଅର୍ଥ ଆତ୍ମସାତ ମାମଲା**

## ମାର୍କଫେଡ୍‌ର ପୂର୍ବତନ ମ୍ୟାନେଜର ପୁଣି ଦୋଷୀ

ବ୍ରହ୍ମପୁର,୨୪।୧୨(ସମିସ): ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ମାର୍କଫେଡର ପୂର୍ବତନ ମ୍ୟାନେଜର ଭୁବନମୋହନ ଦାସ ପୁଣିଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଦେବାକୁ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ନେଇ ରାୟ ଶୁଣାଇଛନ୍ତି।

ପ୍ରକାଶ ଯେ, ୨୦୦୨ରୁ ୨୦୦୪ମସିହା ବେଳେ ଭୁବନମୋହନ ଦାସ ବ୍ରହ୍ମପୁର ନିକଟ ଜଗନ୍ନାଥପୁରଠାରେ ଥିବା ମାର୍କଫେଡ୍ ଗୋଦାମର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସରକାରଙ୍କ ପକ୍ଷରୁ ହଳଦୀ, ତେଲ ଭଳି ବିଭିନ୍ନ ସାମଗ୍ରୀ କ୍ରୟ କରାଯାଇଥିଲା। ସେହି ସମୟରେ ମାର୍କଫେଡରେ ୨୦ ଲକ୍ଷ ୬୪ ହଜାର ୬ଶହ ଟଙ୍କା ଆର୍ଥିକ ହେରଫେର ହୋଇଥିବା ଅଭିଯୋଗ ପରେ ବ୍ରହ୍ମପୁର ଭିଜିଲାନ୍ସରେ ୨୦୦୪ସେପ୍ଟେମ୍ବର ୨୭ରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ୨୦୦୨ ନଭେମ୍ବର ୭ତାରିଖଠାରୁ ୨୦୦୪ ଅକ୍ଟୋବର ୧୯ତାରିଖ ମଧ୍ୟରେ ମାର୍କଫେଡର ମ୍ୟାନେଜର ଭୁବନମୋହନଙ୍କ କାର୍ଯ୍ୟକାଳୟ ଭିତରେ ୨୦ ଲକ୍ଷ ୬୪ ହଜାର ୬୦୦ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ଭିଜିଲାନ୍ସର ତଦନ୍ତ ଅଧିକାରୀ ତତ୍‌କାଳୀନ ଇନ୍‌ସପେକ୍ଟର ପି କେ ଦ୍ୱିବେଦୀ ମାମଲାର ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ। ୨୪ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ସାକ୍ଷ୍ୟପ୍ରମାଣ ମିଳିବାରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ। ପ୍ରକାଶଥାଉକି, ପୂର୍ବତନ ମ୍ୟାନେଜର ଭୁବନମୋହନ ୨ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ପୂର୍ବରୁ ୨୦୦୪, ୨୦୦୫ ଓ ୨୦୧୩ରେ ବିଭିନ୍ନ ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ସାରିଛନ୍ତି।

**● ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା**

## ୬ ସାକ୍ଷୀଙ୍କ ବୟାନ ବନ୍ଦ ଲଫାପାରେ ସିଲ୍

ବ୍ରହ୍ମପୁର,୨୪।୧୨(ସମିସ): ବହୁଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ ଦାଖଲ କରିବାକୁ ପୁଲିସ ପକ୍ଷରୁ ପ୍ରସ୍ତୁତି ଚାଲିଛି। ନିୟମ ପ୍ରକାରେ ଅଭିଯୁକ୍ତଙ୍କ ଗିରଫର ସର୍ବାଧିକ ୯୦ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ ଜରୁରୀ। ଗତ ଅକ୍ଟୋବର ୬ରେ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯାଇଥିଲା। ଘଟଣାରେ ପୁଲିସ ମୋଟ ୧୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ପ୍ରଥମ ପର୍ଯ୍ୟାୟରେ ଅର୍ଥାତ୍ ଅକ୍ଟୋବର ୨୦ତାରିଖରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରାଯାଇଥିଲା। ଫଳରେ ଅକ୍ଟୋବର ୨୦ତାରିଖକୁ ହିସାବକୁ ନେଲେ ଜାନୁଆରୀ ୧୮ ତାରିଖ ସୁଦ୍ଧା ତଦନ୍ତକାରୀ ଅଧିକାରୀ ଚାର୍ଜସିଟ କୋର୍ଟରେ ଦାଖଲ କରିବା କଥା। ୯୦ଦିନ ପୂର୍ବରୁ ଚାର୍ଜସିଟ ଦାଖଲ କରିଦେବ ବୋଲି ଆଲୋଚନା ହେଉଛି। ଏଥିପାଇଁ ପୁଲିସ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଥିବା ଦେଖିବାକୁ ମିଳିଛି।

ଏହି ମାମଲାରେ ପୁଲିସ ବହୁ ସାକ୍ଷ୍ୟଙ୍କୁ ଯୋଗାଡ କରିଥିବା ବେଳେ ସେଥିମଧ୍ୟରୁ ୬ଜଣ ସାକ୍ଷ୍ୟଙ୍କର ୧୬୪ ଷ୍ଟେଟମେଣ୍ଟ ବା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଛି। ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୁସ୍ମିତା ସାମଲଙ୍କ କୋର୍ଟରେ ୬ଜଣ ସାକ୍ଷୀ ଯଥା ସ୍ଥାନୀୟ ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିର ନୀଳମାଧବ ମିଶ୍ର, ଜଗବନ୍ଧୁ ସାହିର ରୁଦ୍ର କୁମାର ସେଠୀ, ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପଞ୍ଚୁ ବେହେରା, ଦିଗପହଣ୍ଡି ଥାନା ଅନ୍ତର୍ଗତ ବାଲିପଡା ଗ୍ରାମର ସୁନୀଲ ଗୌଡ, ବନ୍ଥପଲ୍ଲୀର ଜୟସେନ ସ୍ୱାଇଁ ଓ ହିଞ୍ଜିଳି ଥାନା ଅନ୍ତର୍ଗତ ଗିରି ନରସିଂହପୁରର ଜବରଲାଲ ଦଳେଇଙ୍କ ବୟାନ ରେକର୍ଡ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଖୁବ୍‌ଶୀଘ୍ର ଅନ୍ୟ ସାକ୍ଷୀମାନଙ୍କର ମଧ୍ୟ ଅନୁରୂପ ଭାବେ ବୟାନ ରେକର୍ଡ କରାଯିବ।

**ସିଙ୍ଗାପୁରରେ ଚାକିରି ନାଁରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ**

# ବିଜେପି ଯୁବନେତା ଗିରଫ

ବ୍ରହ୍ମପୁର,୨୪।୧୨(ସମିସ)



ସିଙ୍ଗାପୁରରେ ଚାକିରି କରାଇଦେବାକୁ କହି ଗଞ୍ଜାମ ଜିଲ୍ଲା ସମେତ ଆଖପାଖ ଅଞ୍ଚଳର ୫ଶହରୁ ଅଧିକ ବେକାର ଯୁବକଙ୍କ ଠାରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକିନେବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ବିଜେପି ଯୁବନେତାଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ହିଲପାଟଣା ୩ୟ ଲାଇନର ସୁବ୍ରତ ପାଳ(୪୫)। ସୁବ୍ରତ ବିଜେପିର ଜଣେ ଆଗ ଧାଡ଼ିର ଯୁବନେତା। ଗତ ପୌର ନିର୍ବାଚନରେ ତାଙ୍କ ପତ୍ନୀ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ପୁଲିସ ଅଭିଯୁକ୍ତ ସୁବ୍ରତ ନିକଟରୁ ଫ୍ଲାଇଟ ଟିକଟର ଫଟୋକପି, କମ୍ପ୍ୟୁଟର ପ୍ରସ୍ତୁତ ସିଙ୍ଗାପୁର କମ୍ପାନୀର କାର୍ଯ୍ୟାଦେଶ, ସ୍ୱାସ୍ଥ୍ୟ ଯାଞ୍ଚ ରିପୋର୍ଟ, ନିଯୁକ୍ତିପତ୍ର ଓ ୨ଟି ମୋବାଇଲକୁ ଜବତ କରିଛି। ଅଭିଯୁକ୍ତ ସୁବ୍ରତ ନାଁରେ ପୂର୍ବରୁ ବ୍ରହ୍ମପୁର ଟାଉନ୍ ଥାନା, କନ୍ଧମାଳ ଜିଲ୍ଲାର ଟିକାବାଲି ଥାନା ଏବଂ ଆନ୍ଧ୍ରପ୍ରଦେଶ ବିଜୟନଗରମ୍ ଗ୍ରାମୀଣ ଥାନାରେ ଠକେଇ ମାମଲା ଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ମସିହାରେ ଗୋପାଳପୁର ଥାନା ଅନ୍ତର୍ଗତ ଟାଟା କଲୋନୀର ବି. ଗିରିଧାରୀ ରାଓ ଚାକିରି ସନ୍ଧାନରେ ଥିଲେ। ବ୍ରହ୍ମପୁର ନିକଟ ଭାବିନିପୁର ଠାରେ ଅଭିଯୁକ୍ତ ତଥା ବିଜେପି ଯୁବନେତା ସୁବ୍ରତ ଓ ବଳରାମ ମହାରଣା ଏକ ଜବ୍ ଟ୍ରାକିଂ କନ୍‌ସଲଟାନ୍ସି ଖୋଲି ବେକାର ଯୁବକ ଯୁବତୀଙ୍କୁ ସିଙ୍ଗାପୁରରେ ବିଭିନ୍ନ ପ୍ରକାର କାମ ତଥା ଚାକିରି ଯୋଗାଉଥିବା ଗିରିଧାରୀ ଜାଣିବାକୁ ପାଇଥିଲେ। ସେଠାକୁ ଯାଇ ସିଙ୍ଗାପୁରରେ ଚାକିରି ପାଇଁ ତଥ୍ୟ ସଂଗ୍ରହ କରିଥିଲେ। ସିଙ୍ଗାପୁରରେ ଚାକିରି କରିବା ପାଇଁ ତାଲିମ, ପାସପୋର୍ଟ, ଭିସା, ଫ୍ଲାଇଟ ଟିକଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୩୦ ରୁ ୪୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ଗିରିଧାରୀଙ୍କୁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସେ ୩୦ହଜାର ଟଙ୍କା ଦେଇ ତାଲିମ ନେଇଥିଲେ। ସେହି ସମୟରେ ବ୍ରହ୍ମପୁର ସମେତ ଆଖପାଖ ଜିଲ୍ଲାର ପାଖାପାଖି ୫୦୦ଜଣ ବେକାର ଯୁବକ ସୁବ୍ରତଙ୍କ ସଂସ୍ଥାରେ ତାଲିମ ନେଇ ସିଙ୍ଗାପୁର ଯିବାକୁ ଅପେକ୍ଷାରେ ଥିଲେ। ପର୍ଯ୍ୟାୟ କ୍ରମେ ସିଙ୍ଗାପୁର ପଠାଇବ ବୋଲି ସେମାନଙ୍କୁ ସୁବ୍ରତ କହିଥିଲା। ତାଲିମ ପାଇଁ ପ୍ରତ୍ୟେକଙ୍କ ଠାରୁ ୩୦ହଜାର ଲେଖାଏଁ ଆଦାୟ କରାଯାଇଥିବା ବେଳେ ଅନେକଙ୍କ ଠାରୁ ଫ୍ଲାଇଟ୍ ଟିକଟ ବାବଦକୁ ୭ହଜାର ଏବଂ ସ୍ୱାସ୍ଥ୍ୟଯାଞ୍ଚ ପାଇଁ ପୁଣି ୩ହଜାର ଆଦାୟ କରିଥିବା ଅଭିଯୋଗ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ସିଙ୍ଗାପୁର ଯିବାକୁ ଥିବା ଆଶାୟୀ ଯୁବକମାନେ ପୂର୍ବ ନିଷ୍ପତ୍ତି ପ୍ରକାରେ ଚେନ୍ନାଇରେ ପହଞ୍ଚିଥିଲେ। ଉକ୍ତଦିନ ସୁବ୍ରତ ନିଜ ମୋବାଇଲ ବନ୍ଦ କରି ଦେଇଥିଲେ। ଫଳରେ ସୁବ୍ରତଙ୍କୁ ଯୋଗାଯୋଗ କରିନପାରି ନିରାଶ ହୋଇ ଘରକୁ ଫେରିଆସିଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଯୁବକମାନେ ଭାବିନିପୁର ସ୍ଥିତ ଉକ୍ତ କାର୍ଯ୍ୟାଳୟକୁ ଯାଇଥିବାବେଳେ ସୁବ୍ରତ ଫେରାର ହୋଇଯାଇଥିଲେ। ପରେ ଗିରିଧାରୀ ସଦର ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା(ନଂ.୧୪୧/୧୯)ରେ ରୁଜୁ କରି ତଦନ୍ତ ଚଳାଇଥିଲା। ମାମଲା ରୁଜୁ ହେବା ପରଠାରୁ ଫେରାର ଥିବା ଅଭିଯୁକ୍ତ ସୁବ୍ରତ ବ୍ରହ୍ମପୁର ହିଲପାଟଣାରେ ରହୁଥିବା ଜଣାପଡ଼ିବା ପରେ ପୁଲିସ ସେଠାରୁ ତାଙ୍କୁ କାବୁ କରିଥିଲା। ସିଙ୍ଗାପୁରରେ ଚାକିରି କରାଇଦେବା ନାଁରେ ଅଭିଯୁକ୍ତ ସୁବ୍ରତ ଓ ତାଙ୍କ ସହଯୋଗୀ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଆଜି ସୁବ୍ରତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ବଡ଼ଦିନରେ ବାଲୁକା କଳା




ବ୍ରହ୍ମପୁର,୨୪।୧୨(ସମିସ): ବଡ ଦିନ ପାଇଁ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ସ୍ୟାଣ୍ଡ ଆନିମେସନ କରିଛନ୍ତି। କଳର ସ୍ୟାଣ୍ଡ ଆନିମେସନରେ ସାଣ୍ଟାକ୍ଲଜ୍ ଓ ହରିଣ, ଖ୍ରୀଷ୍ଟମାସ ଗଛ ଏଥିରେ ସ୍ଥାନିତ କରିଛନ୍ତି। ସାଣ୍ଟା କ୍ଲଜ୍ ବି ପଶୁପକ୍ଷୀ ଏବଂ ଗଛର ସୁରକ୍ଷା ଚାହେଁ। ବନ୍ୟଜନ୍ତୁ ସୁରକ୍ଷା ଉପରେ ସେ ସୁନ୍ଦର ବାଲୁକା କଳା କରି ଲୋକମାନଙ୍କୁ ସଚେତତାର ବାର୍ତ୍ତା ଦେଇଛନ୍ତି।

**ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା**

## ୩ୟ ଓ ୫ମ ବୃତ୍ତି ପରୀକ୍ଷାରେ ୧ମ ସହ ମୋଟ ୭ଟି ର୍‍ୟାଙ୍କ



ବ୍ରହ୍ମପୁର,୨୪।୧୨(ସମିସ): ୨୦୨୫-୨୬ ଶିକ୍ଷାବର୍ଷର ପ୍ରକାଶିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳରେ ବିଦ୍ୟାଳୟର ୧ମ ର୍‍ୟାଙ୍କ ସହ ମୋଟ ୪ଜଣ ଶିଶୁ ର୍‍ୟାଙ୍କ ରଖିଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ର୍‍ୟାଙ୍କରେ ଆଶୁତୋଷ ପାତ୍ର, ୨ୟରେ ଇପ୍‌ସିତା ସାହୁ, ସେହିଭଳି ୮ମ ଓ ୯ମରେ ଯଥାକ୍ରମେ ଦୀପକ ପାଣିଗ୍ରାହୀ ଓ ସୂର୍ଯ୍ୟାଂଶୁ ପାଢ଼ୀ ମହାନଗରରେ ସଫଳତା ହାସଲ କରିଛନ୍ତି। ସେହିପରି ୩ୟ ଶ୍ରେଣୀ ଫଳାଫଳରେ ବିଦ୍ୟାଳୟର ମୋଟ ୩ଜଣ ଶିଶୁ ଯଥାକ୍ରମେ ୫ମ ର୍‍ୟାଙ୍କରେ ପ୍ରିୟାଂଶୁ ଆଚାର୍ଯ୍ୟ, ୮ମ ର୍‍ୟାଙ୍କରେ ଦେବସ୍ମିତା ସୁବୁଦ୍ଧି, ଏକାଦଶରେ ଶୁଭ୍ରା ସାହୁ ସ୍ଥାନ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କ୍ରମାନ୍ୱୟରେ ବିଗତ ୪ ଦଶନ୍ଧି ଧରି ଏହି ସଫଳତା ପାଇଁ ଆଚାର୍ଯ୍ୟ/ଆଚାର୍ଯ୍ୟାଙ୍କ ତ୍ୟାଗ, ସାଧନା ଓ ସମର୍ପଣଭାବ ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକମାନଙ୍କର ଅକୁଣ୍ଠ ସହଯୋଗ, ଶିଶୁଙ୍କର କଠୋର ପରିଶ୍ରମ ସର୍ବୋପରି ପ୍ରଭୁ ନୀଳକଣ୍ଠେଶ୍ୱରଙ୍କର ଆଶୀର୍ବାଦ ରହିଛି ବୋଲି ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ବ୍ଲକସ୍ତରୀୟ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସାମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢ଼ୀ, ହରିକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଫେଷ୍ଟିଭାଲ ଅଫ୍ ଜୟ ଉଦ୍‌ଘାଟିତ



ବ୍ରହ୍ମପୁର,୨୪।୧୨(ସମିସ): ଗୁରୁକୁଳ ଇଣ୍ଟର ନ୍ୟାସନାଲ୍ ପବ୍ଲିକ୍ ପରିସରରେ ଶ୍ରୀ ସତ୍ୟ ସାଇ ସେବା ସଂଗଠନ ପକ୍ଷରୁ ତିନିଦିନିଆ ରାଜ୍ୟସ୍ତରୀୟ "ଫେଷ୍ଟିଭାଲ ଅଫ ଜୟ' କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଜିଲ୍ଲା ଅଧ୍ୟକ୍ଷ ମହେଶ ଜେନାଙ୍କ ଦ୍ୱାରା ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ ସହିତ ଉତ୍ସବର ଉଦଘାଟନ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ଶିକ୍ଷା ସମନ୍ୱୟକ(ମହିଳା) ନିହାରିକା କାନୁନଗୋ ଯୋଗଦେଇ ଉତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି ରାଜ୍ୟ ଶିକ୍ଷା ସମନ୍ୱୟକ(ପୁରୁଷ) ଅମିୟ ରଞ୍ଜନ କାନୁନଗୋ ଯୋଗଦେଇ ବାଳବିକାଶ ଶିଶୁମାନଙ୍କ ମଧ୍ୟରେ ନୀତିଗତ ଓ ଆଧ୍ୟାତ୍ମିକ ମୂଲ୍ୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସିପିଆର୍ ପ୍ରଶିକ୍ଷଣ ସହ ସାଂସ୍କୃତିକ ପରମ୍ପରା ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଯୋଜ ହୋଇଥିଲା।

## ପିୟୁସି ସାର୍ଟିଫିକେଟ ପାଇଁ ଲମ୍ବା ଧାଡ଼ି

ବ୍ରହ୍ମପୁର,୨୪।୧୨(ସମିସ): ଜାନୁଆରୀ ପହିଲାରୁ ଯାନବାହାନର କାଗଜପତ୍ର କଡ଼ାକଡ଼ି ଯାଞ୍ଚ ପାଇଁ ରାଜ୍ୟ ସରକାର ଘୋଷଣା କରିବା ପରେ ବ୍ରହ୍ମପୁର ସହରରେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ (ପିୟୁସି) ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ସହରର ବିଭିନ୍ନ ପିୟୁସି କେନ୍ଦ୍ର ସମ୍ମୁଖରେ ସକାଳୁ ଗାଡ଼ିଚାଳକମାନେ ଲାଇନ ଲଗାଇ ଅପେକ୍ଷା କରୁଛନ୍ତି। ମାତ୍ର ସନ୍ଧ୍ୟାରେ ଧାର୍ଯ୍ୟ ସମୟସୀମା ଆଉ ମାସେ ବଢ଼ିବାରୁ ଅଧାରୁ ଗାଡ଼ିମାଲିକମାନେ ଫେରିଥିବା ଦେଖିବାକୁ ମିଳିଛି। ସୂଚନା ପ୍ରକାରେ, ଦିଲ୍ଲୀରେ ହୋଇଥିବା ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି କଠୋର ହୋଇଛନ୍ତି ରାଜ୍ୟ ସରକାର। ଯେଉଁ ଯାନବାହାନର ପିୟୁସି ସାର୍ଟିଫିକେଟ ନାହିଁ ସେମାନଙ୍କୁ ଜାନୁଆରୀ ପହିଲାରୁ ଆଉ ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳିବ ନାହିଁ। ଏଭଳି ନିୟମ ଲାଗୁ ହେବା ପରେ ବୁଧବାର ଭୋରରୁ ଏମ୍‌କେସିଜି ମେଡିକାଲ ରୋଡରେ ଥିବା ପିୟୁସି ସେଣ୍ଟର ନିକଟରେ ଭିଡ଼ ଜମିଥିଲା।



## ଏମକେସିଜିରେ ସୁଇଚ୍ ଟିପିଲେ ଫଙ୍ଖାରୁ ବାହାରୁଛି ନିଆଁ

ବ୍ରହ୍ମପୁର,୨୪।୧୨(ସମିସ): ରୋଗୀଙ୍କୁ ଆତଙ୍କିତ କରୁଛି ଏମକେସିଜି ମେଡ଼ିକାଲରେ ଲାଗିଥିବା ଫଙ୍ଖା। ମେଡ଼ିସିନ ବିଭାଗ ଦ୍ୱିତୀୟ ମହଲାରେ ଥିବା ୨ୟ ୟୁନିଟ୍(ପୁରୁଷ)ର ଲବି(ବାରଣ୍ଡା)ରେ ଲାଗିଥିବା ଫଙ୍ଖାର ସୁଇଚ୍ ମାରିଲେ ଫଙ୍ଖାରୁ ନିଆଁ ବାହାରୁଛି। ବୁଧବାର



### ନିୟମିତ ତଦାରଖ କରୁନି ଜିଇଡ଼ି

ଉକ୍ତ ସ୍ଥାନରେ କାର୍ଯ୍ୟ କରୁଥିବା ଜଣେ ସଫେଇ କର୍ମଚାରୀ ବାରଣ୍ଡା ପୋଛା ମାରିବା ପରେ ଫଙ୍ଖା ଲଗାଇବାରୁ ନିଆଁ ବାହାରିଥିଲା। ସଙ୍ଗେ ସଙ୍ଗେ ସେ ସୁଇଚ୍ ବନ୍ଦ କରିଥିଲେ ମଧ୍ୟ ସେଠାରେ ଉପସ୍ଥିତ ଥିବା ରୋଗୀ ଏବଂ ସମ୍ପର୍କୀୟଙ୍କ ଏହା ଦେଖି ଭୟଭୀତ ହୋଇପଡ଼ିଥିଲେ। ବିଗତ ଦିନରେ ଏଠାରେ ବିଭିନ୍ନ ବିଭାଗରେ ନିଆଁ ଲାଗିଥିବାରୁ ରୋଗୀ ଭୟଭୀତ ହୋଇପଡ଼ିଥିଲେ ଆଜିର ଘଟଣା ପରେ। ଅନ୍ୟପକ୍ଷରେ ମେଡ଼ିକାଲ ଲାଗିଥିବା ବିଭିନ୍ନ ବିଦ୍ୟୁତ୍ ଯନ୍ତ୍ରାଂଶ ଗୁଡ଼ିକୁ ଜିଇଡ଼ି ପକ୍ଷରୁ ତଦାରଖ କରାଯାଉନଥିବାରୁ ବିଭିନ୍ନ ସମୟରେ ଏଭଳି ଅଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଏନେଇ ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ାକ୍ତର ଦୁର୍ଗାମାଧବ ଶତପଥୀ କହିଛନ୍ତି ଯେ, ତୁରନ୍ତ ଏହି ସମସ୍ୟାର ସମାଧାନ ଲାଗି ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇ ସ୍ଥାୟୀ ସମାଧାନ ଲାଗି ଚିନ୍ତା କରାଯିବ।

**ବିଜେଡି ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ**

# ୨୫ ବର୍ଷର ସଫଳତା ଓ ବିଜେପି ଶାସନର ବିଫଳତା ବଖାଣିବେ ନେତା

ବ୍ରହ୍ମପୁର,୨୪।୧୨(ସମିସ)



ଆସନ୍ତା ୨୬ରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ୨୯ତମ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଯାଉଛି। ସବୁ ନିର୍ବାଚନ ମଣ୍ଡଳୀରେ ପୃଥକ ପୃଥକ ଭାବେ କାର୍ଯ୍ୟକ୍ରମ ପାଳନ ହେବାକୁ ଥିବାବେଳେ ବ୍ରହ୍ମପୁରରେ ମହାନଗର ସ୍ତରୀୟ ଓ ଜିଲ୍ଲାସ୍ତରୀୟ ସାଧାରଣ ସଭାର ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଅନୁପସ୍ଥିତି ସତ୍ତ୍ୱେ ସମସ୍ତ ନେତା ଓ କର୍ମୀଙ୍କୁ ଏକାଠି ହୋଇ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବିଜେଡିର ବରିଷ୍ଠ ରାଜ୍ୟ ଉପ ସଭାପତି ତଥା ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ପାଳନ ଅବସରରେ ବ୍ରହ୍ମପୁରରେ ପୂର୍ବାହ୍ନ ୯ଟାରେ ଆସ୍କାରୋଡରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମେତ ଦେଶୀବେହେରା ସାହି ଓ ଶେଷରେ କର୍ପୋରେସନ ରୋଡ ସ୍ଥିତ ବିଜୁ ପଟ୍ଟନାୟକ ପାର୍କରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ଗିରି ମାର୍କେଟ ସ୍ଥିତ ପ୍ରକାଶମହଲ ପ୍ରେକ୍ଷାଳୟରେ ଜିଲ୍ଲାସ୍ତରୀୟ ସାଧାରଣ ସଭାର ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ପ୍ରସ୍ତୁତି ବୈଠକ ଆୟୋଜନ ପୂର୍ବରୁ ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁଙ୍କ ସମେତ ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ମେୟର ସଂଘମିତ୍ରା ଦଳେଇଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରାକ୍ ଆଲୋଚନା କରାଯାଇଥିଲା। ପ୍ରତିଷ୍ଠା ଦିବସରେ ମୁଖ୍ୟତଃ ବିଜୁ ଜନତା ଦଳ ପ୍ରତିଷ୍ଠା ପରଠାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦିର୍ଘ ୨୫ବର୍ଷର ଶାସନ କାଳର ସଫଳତା, ବିଭିନ୍ନ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ଓ ଯୋଜନା ସହିତ ବର୍ତ୍ତମାନର ବିଜେପିର ଦେଢ ବର୍ଷର ଡବଲ ଇଂଜିନ ସରକାର ଅମଳର ବିଭିନ୍ନ ବିଫଳତାକୁ ଲୋକଲୋଚନକୁ ଆଣିବାକୁ ଆହ୍ୱାନ ଦିଆଯାଇଛି।

ବୈଠକରେ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ଜିଲ୍ଲା ବିଜେଡି ସଭାପତି ସୁବାସ ମହାରଣା, ଜିଲ୍ଲା ଉପସଭାପତି ଭୀମସେନ ଦଳେଇ, ବରିଷ୍ଠ ନେତା ଭଗବାନ ଗନ୍ତାୟତ, ରାଜ୍ୟ ବିଜୁ ମହିଳା ଜନତା ଦଳର କର୍ମକର୍ତ୍ତା ମମତା ବିଶୋୟୀ, ଜଗନ୍ନାଥ ସାବତ, ଉମା

**ଜିଲ୍ଲାର ସମସ୍ତ ୧୩ ନିର୍ବାଚନ ମଣ୍ଡଳୀରେ ଆୟୋଜିତ ହେବ**

ନାୟକ, କର୍ପୋରେଟର ବି. ପୁଷ୍ପଲତା ରାଓ, ସୋନାଲି ଗନ୍ତାୟତ, ଗୀତାରାଣି ପଣ୍ଡା, ସ୍ୱେତରେଖା ତ୍ରିପାଠୀ, ସ୍ୱର୍ଣ୍ଣଲତା ସାବତ, ମଞ୍ଜୁଲତା ସାହୁ, କାଦମ୍ବରୀ ଦାସ, ସମୀର ମିଶ୍ର, ଦୁର୍ଗାପ୍ରସାଦ ଲାୟକ, ଜାମୁଲା ଶ୍ରୀନୁ, ଅଶ୍ୱିନୀ ପଟ୍ଟନାୟକ, ଭାଗିରଥୀ ମହାରଣା, ସୁରେନ୍ଦ୍ର କୁମାର ମହାରଣା, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ବି. ଶ୍ରୀନିବାସ ରାଓ, ମୁକୁନ୍ଦ ଗୌଡ, ଦୁର୍ଗା ସାବତ ଓ ସତ୍ୟନାରାୟଣ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଦଳୀୟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା।

**● ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ**

## 'ଡିଜିଟାଲ୍ ନ୍ୟାୟ ମାଧ୍ୟମରେ ଦ୍ରୁତ ଓ କାର୍ଯ୍ୟକ୍ଷମ ମାମଲା ନିଷ୍ପତ୍ତି' ଶୀର୍ଷକ ଆଲୋଚନା




ବ୍ରହ୍ମପୁର,୨୪।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ ପାଳିତ ହୋଇଯାଇଛି। 'ଡିଜିଟାଲ୍ ନ୍ୟାୟ ମାଧ୍ୟମରେ ଦ୍ରୁତ ଓ କାର୍ଯ୍ୟକ୍ଷମ ମାମଲା ନିଷ୍ପତ୍ତି' ଶୀର୍ଷକ ଉପରେ ଆଲୋଚନା କରାଯାଇଛି।

ଖାଉଟିଙ୍କ ଅଧିକାର, ସାଇବର ଠକଙ୍କ ଠାରୁ କିପରି ଦୂରେଇ ଓ ସୁରକ୍ଷିତ ରହିବା, ଦ୍ରବ୍ୟ ଓ ପଦାର୍ଥର କିପରି ନିରାପଦ ବ୍ୟବହାର କରିବା, ଠକାମିରେ ପଡୁଥିବା ଗ୍ରାହକ ମାନଙ୍କୁ କିପରି ସତର୍କ ରହିବାକୁ ପଡିବ ଆଲୋକପାତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ସୁରସେନ ଜାନି ଓ ସହକାରୀ ଯୋଗାଣ ଅଧିକାରୀ ସନଜ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଡ଼. ଲକ୍ଷ୍ମୀନାରାୟଣ ଦାସ, ସରୋଜ ରଞ୍ଜନ ପଟ୍ଟନାୟକ, ସଂଯୋଜକ ଭାବେ ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ. ଗଞ୍ଜାମ କାର୍ଯାଳୟର ବରିଷ୍ଠ ସହାୟକ ବୀର କିଶୋର ପାଣିଗ୍ରାହୀ ଯୋଗ ଦେଇଥିଲେ।

